## ଫଟୋରେ ଫଟୋରେ କେନ୍ଦ୍ର କାର୍ଯ୍ୟକ୍ରମ


କେନ୍ଦ୍ର ତରଫରୁ ଅକ୍ଷୟ ତୃତୀୟା ଦିବସ ପାଳନ


ରାଜ୍ୟ ସ୍ତରୀୟ ପଦର୍ଶନୀରେ କୃଷି ବିଜ୍ଞାନ କେନ୍ଦ୍ର


କୃଷକ କ୍ଲବ ଗଠନ


ବାସନା ଧାନ ଗିତାଞ୍ଜଳୀର କ୍ଷେତ୍ର ପଦର୍ଶନ


ସମ୍ପ୍ରସାରଣ ଅଧକ୍ଷଙ୍କର କ୍ଷେତ୍ର ପରିଦର୍ଶନ


ଶ୍ରୀ ପଦ୍ଧତିରେ ଧାନ ଚଷ


କେନ୍ଦ୍ରରେ ଜିଆଖତ ପ୍ରସ୍ତୁତି ତାଲିମ


ବାଇଗଣ ଗଛର ଝାଉଁଳା ରୋଗ ନିୟନ୍ତ୍ରଣ କ୍ଷେତ୍ର ପଦର୍ଶନ


ବିଷଥୋପ ଦ୍ୱାରା କଲରା ଗଛରେ ଫଳମାଛି ନିୟନ୍ତ୍ରଣ


ଜାଆଁଳ ମହଜୁଦି କରଣର କ୍ଷେତ୍ର ପଦର୍ଶନ


ନମୁନା ମାଟି ସଂଗ୍ରହର କ୍ଷେତ୍ର ପଦର୍ଶନ


କେନ୍ଦ୍ର ତରଫରୁ ବତକ ପାଳନ କ୍ଷେତ୍ର ପଦର୍ଶନ

**ବିଭିନ୍ନ ଚଷ ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ ପାଇଁ କେନ୍ଦ୍ରରେ ଅଛନ୍ତି.......**

ଶ୍ରୀ ସୁତନୁ କୁମାର ଶତପଥି, ଉଦ୍ୟାନ ବିଶେଷଜ୍ଞ - ୯୪୩୭୬୧୯୩୧୦
ଡ଼ଃ (ଶ୍ରୀମତୀ) ଗୀତାଞ୍ଜଳୀ ସୁବୁଦ୍ଧି, ଗୃହ ବିଜ୍ଞାନ - ୯୪୩୭୭୯୯୮୦୧
ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ମୃତ୍ତିକା ବିଶେଷଜ୍ଞ - ୯୪୩୭୮୬୪୯୭୬
ଶ୍ରୀ ଦେବେନ୍ଦ୍ର କୁମାର ଦେବତା, ଫସଲ ସଂରକ୍ଷଣ - ୯୪୩୭୪୪୧୩୪୯
ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ମତ୍ସ୍ୟ ବିଶେଷଜ୍ଞ - ୯୪୩୭୨୬୫୫୬୫

**ମୁଖ୍ୟ ସମ୍ପାଦକ**
ଶ୍ରୀ ସୁତନୁ କୁମାର ଶତପଥୀ, କାର୍ଯ୍ୟକ୍ରମ ସଂଯୋଜକ
**ସମ୍ପାଦକ ମଣ୍ଡଳୀ**
ଶ୍ରୀ ଶିତିକଣ୍ଠ ମିଶ୍ର, କାର୍ଯ୍ୟକ୍ରମ ସହାୟକ
ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ବିଷୟ ବସ୍ତୁ ବିଶେଷଜ୍ଞ
ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ବିଷୟ ବସ୍ତୁ ବିଶେଷଜ୍ଞ
ଶ୍ରୀ ଦେବେନ୍ଦ୍ର କୁମାର ଦେବତା, ବିଷୟ ବସ୍ତୁ ବିଶେଷଜ୍ଞ

# ରଷିକୁଲ୍ୟା

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର)

ସଂଖ୍ୟା-୩ | ତୃତୀୟ ବର୍ଷ | ଅକ୍ଟୋବର ୨୦୧୦ ରୁ ମାର୍ଚ୍ଚ ୨୦୧୧









## ସଂପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା



ଗଞ୍ଜାମ ଜିଲ୍ଲାର କୃଷିଜୀବି ଭାଇ ଓ ଭଉଣୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ତଥା କୃଷି କୌଶଳର ସନ୍ଦେଶ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ଚେଷ୍ଟିତ । ତେଣୁ ଷଣ୍ମାଷିକ ପତ୍ରିକା "ରଷିକୁଲ୍ୟା" ର ତୃତୀୟ ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ଏଠାରେ ଧାନ, ଚିନାବାଦାମ, ମୁଗ, ବିରି ବହୁଳ ଭାବରେ ଚାଷ କରାଯାଏ । ଆଶା କରୁଛି "ରଷିକୁଲ୍ୟା" ମାଧ୍ୟମରେ ଗଂଞ୍ଜାମ ଜିଲ୍ଲାର କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ବିବିଧ ଜ୍ଞାନ କୌଶଳକୁ ଉପଯୋଗ କରି ଚାଷୀଭାଇମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ।

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ସଂପାଦକୀୟଙ୍କ କଲମରୁ.....



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ଭଂଜନଗରରୁ ପ୍ରକାଶିତ ସମାଚାର ପତ୍ରିକା "ରଷିକୁଲ୍ୟା" କୃଷି ଓ ଆନୁସଂଗିକ ତଥ୍ୟ ସମ୍ବନ୍ଧୀୟ ବିବିଧ ଜ୍ଞାନକୌଶଳ ଚାଷୀମାନଙ୍କୁ ଅବଗତ କରାଇବାରେ ସହାୟକ ହେବ । ଏହା ବିଭିନ୍ନ ବର୍ଗର ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ନୂତନ ତଥା ଉନ୍ନତ ଜ୍ଞାନ କୌଶଳ ଯୋଗାଇଦେବ ବୋଲି ମୋର ଆଶା । ଏହି ସମାଚାର ପତ୍ରିକାକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା ସମସ୍ତ କର୍ମଚାରୀ ବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଗଂଞ୍ଜାମ, ଭଞ୍ଜନଗର









## ୧୭ତମ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ :

୧୭ତମ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ ୨୦୧୦ ମସିହା ଜୁନ୍ ମାସ ୨୩ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ସଂପ୍ରସାରଣ ଅଧ୍ୟକ୍ଷ ଡଃ ଶଙ୍କର୍ଷଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ବନ ଉନ୍ନୟନ ସଂସ୍ଥାର ସାଧାରଣ ପରିଚାଳକ ଶ୍ରୀ ଏ.କେ ପାଠକ, ଉଦ୍ୟାନ ଉପନିର୍ଦ୍ଦେଶକ, ଏ.ଜି.ଏମ୍ ନାବାର୍ଡ, ଜିଲ୍ଲା କୃଷି ଅଧିକାରୀ, ଆସିକା, ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା, ଏବଂ ଆଗୁଆ ଚାଷୀଭାଇମାନେ କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ଆଗାମୀ ବର୍ଷର ବାର୍ଷିକ କାର୍ଯ୍ୟ ଖସଡା ଉପରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।



## ମୃତ୍ତିକା ପରୀକ୍ଷା

କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗରର ମୃତ୍ତିକା ଓ ଜଳ ପରୀକ୍ଷାଗାରରେ ୨୦୧୦-୧୧ରେ ମୋଟ ୬୨୦ଟି ନମୁନା ପରୀକ୍ଷା କରାଯାଇଛି । ୩୫୦ ଜଣ ଚାଷୀଙ୍କ ନମୂନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି । ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ଶତକଡା ୬୨ ଭାଗ ମୃତ୍ତିକା ଅମ୍ଳ ଶତକଡା ୨୭ ଭାଗ ନିରପେକ୍ଷ ଓ ଶତକଡା ୧୧ ଭାଗ କ୍ଷାରୀ ଶ୍ରେଣୀର।



## ମାଛ ଚାଷରେ କୃତ୍ରିମ ଖାଦ୍ୟ ପରିଚାଳନା

ଗଞ୍ଜାମ ଜିଲ୍ଲାରେ ମୋଟ ଜଳରାଶିର ମାତ୍ର ୬୦ ଭାଗ ମାଛ ଓ ଆନୁଷଙ୍ଗିକ ମାଛ ଚାଷ ପାଇଁ ବ୍ୟବହୃତ ହେଉଛି ମାତ୍ର ଉପଯୁକ୍ତ ଜ୍ଞାନ କୌଶଳର ଅଭାବ ଏବଂ ପାରମ୍ପରିକରୀତିରେ ମାଛ ଚାଷ କରାଯାଉଥିବାରୁ ମାଛ ଉତ୍ପାଦନ ଆଶାନୁରୂପକ ହେଉନାହିଁ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମାଛ ଚାଷରେ ସମ୍ପୁରକ ଖାଦ୍ୟ ପରିଚାଳନା ବିଷୟରେ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଚୋପରା ଓ ବଡପଡା ଚାଷୀମାନଙ୍କୁ ବାଦାମ ପିଡିଆ, ତୈଳ ରହିତ କୁଣ୍ଡା ଏବଂ ଅଣୁସାର ଯୋଗାଇଦେବା ସହିତ, ଖାଦ୍ୟ ପ୍ରସ୍ତୁତ ଏବଂ ଖାଦ୍ୟ ପରିଚାଳନା ବିଷୟରେ ତାଲିମ ଦିଆଯାଇଛି। ଉକ୍ତ କ୍ଷେତ୍ର ପଦର୍ଶନୀରେ ଋଷୀମାନେ ହେକ୍ଟର ପିଛା ୨.୨୩ ଟନ୍ ମାଛ ଅମଳ କରି ହାରାହାରି ୮୫,୦୦୦ ଟଙ୍କା ନିଟ୍ ଲାଭ ପାଇଥିଲେ, ଯାହାକି ସ୍ଥାନୀୟ ଅମଳ ଅପେକ୍ଷା ୬୫ ପ୍ରତିଶତ ଅଧିକା ଥିଲା ।

## ମାଛ ଉତ୍ପାଦନ ବୃଦ୍ଧିରେ ପ୍ଲବକର ପରିଚ୍ଳନା



ଗ୍ରାମ ପଞ୍ଚାୟତ ପୋଖରୀ ମାନଙ୍କରେ ମାଛର ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ କେନ୍ଦ୍ର ତରଫରୁ ସନ୍ଧିପଲ୍ଲୀ ଓ ଜିରାବାଡି ଗ୍ରାମରେ ମାଛ ଉତ୍ପାଦନରେ ପ୍ଲବକର ପରିଚ୍ଳନା ଉପରେ ଏକ କ୍ଷେତ୍ର ପରିକ୍ଷଣ କରାଯାଇଥିଲା । ଏଥିରେ ଚାଷୀମାନଙ୍କୁ ସୋରିଷ ପିଡିଆ, କୁଣ୍ଡା, ଗୁଡ ଓ ଇଷ୍ଟ ପାଉଡର ଯୋଗାଇଦିଆଯାଇଥିଲା । ଉକ୍ତ ପରିକ୍ଷଣରୁ ଚାଷୀମାନେ ହେକ୍ଟର ପିଛା ହାରାହାରି ୨.୧ ଟନ୍ ପର୍ଯ୍ୟନ୍ତ ମାଛ ଉତ୍ପାଦନ କରି ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥିଲେ । ପୋଖରୀରେ ପ୍ଲବକର ପରିମାଣ ୨.୫ ରୁ ୨.୭ ମଧ୍ୟରେ ରହିବା ସହିତ ପାଣିର ଅମ୍ଳତା ୭.୦ ରୁ ୮.୦ ମଧ୍ୟରେ ରହିଥିଲା ।

## ଟ୍ରାଇକୋକାର୍ଡ, ସଂଘ ଆକର୍ଷକ ଯନ୍ତ୍ର ଦ୍ୱାରା ବାଇଗଣର କାଣ୍ଡବିନ୍ଧା ପୋକ ଦମନ



ଗଞ୍ଜାମ ଜିଲ୍ଲାର ସବୁଠାରୁ ଅନୁନ୍ନତ ଗ୍ରାମ ରାଇଗୋଛାରେ କୃଷକ କ୍ଷେତ୍ର ପରୀକ୍ଷଣ ମାଧ୍ୟମରେ ବାଇଗଣର କାଣ୍ଡବିନ୍ଧା ପୋକର ସମନ୍ୱିତ କୀଟ ପରିଚାଳନା କରାଯାଇଥିଲା । ଫୁଲ ଆସିବା ସମୟରେ ପ୍ରଥମେ ନିମଜାତୀୟ ଔଷଧ ପ୍ରୟୋଗ କରାଯାଇଥିଲା । ତାପର ଅବସ୍ଥାରେ ସଂଘଆକର୍ଷକ ଯନ୍ତ୍ର ଏକର ପ୍ରତି ୧୦ ଟି ଦିଆଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଟ୍ରାଇକୋଗାମା ଚିଲୋନି ପୋକ ୧୦ ଦିନ ଅନ୍ତରରେ କ୍ଷେତରେ ଛଡାଯାଇଥିଲା । ଦେଖାଯାଇଛି ପୋକର ଦମନ ଶତକଡା ୧୫ଭାଗରୁ ୪.୫ଭାଗକୁ କମିଯାଇଥିଲା । ଚାଷୀ ପାଖାପାଖି ୨୪୫କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ପାଇଥିଲେ ।

## ଶୀତଦିନରେ ପାଳଛତୁ ଚାଷ



ଶୀତ ଦିନରେ ଖରାଦିନିଆ ପାଳଛତୁ ର ଚାହିଦା ପୂରଣ କରିବା ପାଇଁ ଆମ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୦୦ ମାଇକ୍ରନ ୟୁ.ଭି ଷ୍ଟାବିଲାଇଜଡ୍ ପଲିଥିନ୍ ଦ୍ୱାରା ସଂପୂର୍ଣ୍ଣ ଆବୃତ କୋଠରୀ ମଧ୍ୟରେ ପାଳଛତୁ ଚାଷ କରାଯାଇଛି । ଆର୍ଦ୍ରତା ନିୟନ୍ତ୍ରଣ କରିବା ପାଇଁ ୨ଇଞ୍ଚ ବହଳର ଓଦା ନଇ ବାଲିର ଏକ ଆସ୍ତରଣ ନିମ୍ନଭାଗରେ ଦିଆଯାଇଛି । ପଲିହାଉସ ମଧ୍ୟରେ ବେଡ୍ ପିଛା ହାରାହାରି ଉତ୍ପାଦନ ୧.୧କି.ଗ୍ରା ହୋଇପାରିଛି । ଏହି କାର୍ଯ୍ୟକ୍ରମଟି ଚଳିତ ବର୍ଷ ନାଟେଙ୍ଗା, ଡିହପଡ଼ାଳ ଓ ଗୁଣ୍ଡୁରିବାଡି ଗ୍ରାମରେ କ୍ଷେତ୍ର ପଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇଛି ।








## ତୈଳବୀଜ ଓ ଡାଲିଫସଲରେ ଆଗୁଆଧାଡି ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଶୀତଦିନେ ଜିରାବାଡ଼ି ଗ୍ରାମରେ ଏ.କେ-୧୫୯ ଚିନାବାଦାମ କିସମ ୧୫ଜଣ ଚାଷୀଙ୍କୁ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥଲା । ମାଟି ପରୀକ୍ଷା ଅନୁଯାଇ ଅନୁମୋଦିତ ସାର ଓ କୋଡାଖୋସା ସମୟରେ ଜିପ୍‌ସମ ପ୍ରୟୋଗ କରାଯାଇଥିଲା । ଚାଷୀମାନେ ବୈଜ୍ଞାନିକଙ୍କ ପରାମର୍ଶରେ ଅନୁସାରେ ଔଷଧ ଓ ଜଳ ପରିଚାଳନା ଠିକ୍ ସମୟରେ କରିଥିଲେ ଏବଂ ହେକ୍ଟର ପ୍ରତି ଆଦାୟ ୨୦.୫ କ୍ୱିଣ୍ଟାଲ ହୋଇଥିଲା ।



ଆର୍.କେ.ଭି.ୱାଇ. (R.K.V.Y) ଯୋଜନା ରେ ବୁଗୁଡା ବ୍ଲକ ଅର୍ନ୍ତଗତ କାଞ୍ଚିଆପଲ୍ଲୀ ଓ ଖୋଳଖାଳି ଗ୍ରାମରେ ଯଥାକ୍ରମେ ଚିନାବାଦାମ କିସମ ଟି.ଏମ୍.ଭି ୨ ଓ ବିରି କିସମ ପି.ୟୁ-୩୧ ର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ କରାଯାଇଥିଲା,. ସେହିପରି ଏନ୍.ଏଫ୍.ଏସ୍.ଏମ (N.F.S.M) ଯୋଜନାରେ ଭଞ୍ଜନଗର ବ୍ଲକ ଅର୍ନ୍ତଗତ ରାଇପଲ୍ଲୀ ଗ୍ରାମରେ ମୁଗ କିସମ ପି.ଡି.ଏମ୍ ୧୩୯ର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ କରାଯାଇଥିଲାଁ ସେମାନଙ୍କୁ ମାଟି ପରୀକ୍ଷାନୁସାରେ ଅନୁମୋଦିତ ସାର, ଜୀବାଣୁ ସାର ଓ ଠିକ୍ ସମୟରେ ପୋକମରା ଔଷଧର ପ୍ରୟୋଗ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିଲା





## ଋଷ କ୍ଷେତ୍ରରେ ଜଳର ସଦୁପୋଯୋଗ ତାଲିମ ଶିବିର

ସର୍ବଭାରତୀୟ ଜଳ ପରିଚାଳନା ପ୍ରକଳ୍ପ, ଚିପିଲିମା ସମ୍ବଲପୁର ଓ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ମିଳିତ ଆନୁକୂଲ୍ୟରେ ତା.୨୪.୦୩.୨୦୧୧ ଠାରୁ ତା ୩୦.୦୩.୨୦୧୧ ମଧ୍ୟରେ ଜଳର ପରିଚାଳନା ଶିବିର କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ଭଞ୍ଜନଗର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ, ମହୁ ଚାଷ, ଛତୁ ଚାଷ, ଜୈବିକ କୃଷି, କୃଷି କ୍ଷେତ୍ରରେ ଉନ୍ନତ ଯନ୍ତ୍ରପାତି, ଫଳ ଓ ପନିପରିବା ଚାଷ, ରୋଗ ପୋକ ନିୟନ୍ତ୍ରଣ, ମାଛଚାଷ, ଜଳର ସୁପରିଚାଳନା, ମୃତ୍ତିକା ପରୀକ୍ଷାଗାର ର ଆବଶ୍ୟକାତା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

## କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର



କୃଷି ବିଜ୍ଞାନ କେନ୍ଦ୍ର ଓ ଆତ୍ମାର ମିଳିତ ସହଯୋଗରେ ଅକ୍ଟୋବର ମାସ ୨୩ତାରିଖରେ ଭଞ୍ଜନଗର ବ୍ଲକ ଅର୍ନ୍ତଗତ ଗୟାଗଣ୍ଡା ଠାରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପଦ୍ଧତିରେ ଧାନ ଚାଷ, କୃଷି କ୍ଷେତ୍ରରେ ଜଳର ସୁପରିଚାଳନା, ଧାନ ଚାଷରେ ସମନ୍ୱିତ ରୋଗ ପରିଚାଳନାର ଉପାୟ, ମାଟି ପରୀକ୍ଷା ଏବଂ କ୍ଷେତରେ ଠିକ୍ ଉପାୟରେ ଅନାବନା ଘାସର ଦମନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।



## ଜାତୀୟ କୃଷି ପ୍ରୋତ୍ସାହନୀକରଣ ଯୋଜନା

ଚଳିତ ବର୍ଷ ମାର୍ଚ୍ଚ ମାସରେ ଗଞ୍ଜାମ ଜିଲ୍ଲା ର ଜଗନ୍ନାଥପ୍ରସାଦବ୍ଲକ ଚୋପରା ଠାରେ ଜତୀୟ କୃଷି



ପ୍ରୋତ୍ସାହନୀକରଣ ଯୋଜନା ର ଶୁଭାରମ୍ଭ ହୋଇଯାଇଛି । ଦେଶରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହାକୁ ଆଖି ଆଗରେ ରଖି କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା କେନ୍ଦ୍ର ହାଇଦ୍ରାବାଦପକ୍ଷରୁ କୃଷି ପ୍ରୋତ୍ସାହନୀକରଣ ଯୋଜନାର କାର୍ଯ୍ୟକ୍ରମ ନିଆଯାଇଡଛି ।

## ସାର ସିଞ୍ଚନ ଯନ୍ତ୍ର ଉପରେ କୃଷକ କ୍ଷେତ୍ର ଦିବସ ପାଳନ





ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ବ୍ଲକ ଅର୍ନ୍ତଗତ ମାଧବରିଡା ଗ୍ରାମରେ ଅକ୍ଟୋବର ୨୭ ତାରିଖରେ ସାର ସିଞ୍ଚନ ଯନ୍ତ୍ର ଉପରେ ଏକ କୃଷକ କ୍ଷେତ୍ର ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଧବରିଡା ଏବଂ ଏହାର ଆଖପାଖ ଗାଁର ଅନ୍ୟୁନ ଏକଶତ ମହିଳା ଚାଷୀ ଯୋଗଦାନ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ମାନେ ସାର ସିଞ୍ଚନ ଯନ୍ତ୍ରର ବିଭିନ୍ନ ଉପକାର ବିଶେଷକରି ମହିଳାମାନଙ୍କ ଶ୍ରମ ଲାଘବ ଦିଗରେ ଏହାର ଉପକାର ଉପରେ ଆଲୋଚନା କରିଥିଲେ ।

